ଓଡ଼ିଶାରେ ସମ୍ବାଦପତ୍ର ପ୍ରକାଶନର ଧାରା

ଶିବ ପ୍ରସାଦ ତ୍ରିପାଠୀ

ଭାଷା ଭିତ୍ତିରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ପୂର୍ବରୁ ୧୮୬୬ରେ ଓଡ଼ିଶାରେ ସମ୍ବାଦପତ୍ର ପ୍ରକାଶନର ଧାରା ଆରମ୍ଭ ହୋଇଥିଲା । ପାଶ୍ଚାତ୍ୟ ସଂସ୍କୃତିର ବ୍ୟାପକ ପ୍ରସାରର ପରିଣତ ସ୍ୱରୂପ ୧୮୩୭ରେ ଖ୍ରୀଷ୍ଟିୟାନ ମିସ୍‌ନାରୀ ସଂସ୍ଥାଦ୍ୱାରା କଟକରେ ଏକ ମୁଦ୍ରଣାଳୟ 'ଦି କଟକ ମିସନ ପ୍ରେସ୍' ପ୍ରତିଷ୍ଠିତ ହୋଇଥିଲା । ଓଡ଼ିଶାର ବୌଦ୍ଧିକ ଚେତନାର ବିକାଶ କ୍ଷେତ୍ରରେ ଏହି ମୁଦ୍ରଣାଳୟର ପ୍ରଭାବ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଥିଲା । ୧୮୨୨ରୁ ମିସନାରୀମାନେ ଓଡ଼ିଶାରେ ଇଂରାଜୀ ଶିକ୍ଷାର ତଥା ଖ୍ରୀଷ୍ଟିୟାନ ଧର୍ମର ପ୍ରସାର ନିମନ୍ତେ କାର୍ଯ୍ୟ କରୁଥିଲେ ।

୧୮୬୬ରେ ନଅଙ୍କ ଦୁର୍ଭିକ୍ଷ ପଡ଼ିଲା । ବହୁ ଲୋକ ଅନାହାରେ ମୃତ୍ୟୁମୁଖରେ ପଡ଼ିଲେ । ଏହି ପରିସ୍ଥିତିକୁ ସମ୍ଭାଳିବା ଦିଗରେ ବ୍ରିଟିଶ ସରକାର ସଂପୂର୍ଣ୍ଣ ଭାବରେ ଅସମର୍ଥ ହେଲା । ଏହି ସମୟରେ ଓଡ଼ିଶାର ଦୁଃଖ ଦୁର୍ଦ୍ଦଶାକୁ ଲୋକଲୋଚନକୁ ଆଣି ଜନଚେତନାର ବିକାଶ ସାଙ୍ଗକୁ ସରକାରଙ୍କ ନିକଟରେ ଦାବି ଉପସ୍ଥାପନ ନିମନ୍ତେ ଏକ ସମ୍ବାଦପତ୍ର ପ୍ରକାଶନର ଆବଶ୍ୟକତା ଅନୁଭୂତ ହେଲା । ଓଡ଼ିଆ ଭାଷାଭାଷୀ ଅଞ୍ଚଳର ବାସ୍ତବ ସମସ୍ୟା ଉପସ୍ଥାପନ ଲାଗି କର୍ମବୀର ଗୌରୀଶଙ୍କର ରାୟ ପ୍ରଥମ ଓଡ଼ିଆ ସମ୍ବାଦପତ୍ର 'ଉତ୍କଳ ଦୀପିକା' ପ୍ରକାଶ କରିଥିଲେ । ସମୟର କଷଟି ପଥରରେ ପରୀକ୍ଷିତ ହୋଇ ଏହି ସମ୍ବାଦପତ୍ର ୧୮୬୬ରୁ ୧୯୩୪ ପର୍ଯ୍ୟନ୍ତ ପ୍ରକାଶିତ ହୋଇଥିଲା । ଏହି ସମୟ ଥିଲା ଓଡ଼ିଶା ପକ୍ଷରେ ସଂକଟର ସମୟ । ଓଡ଼ିଆ ଭାଷାର ସୁରକ୍ଷା ଦିଗରେ ମଧ୍ୟ ବହୁବିଧ ଉଦ୍ୟମ ହୋଇଥିଲା ଓ ୧୯୩୬ ଏପ୍ରିଲ ପହିଲାରୁ ଓଡ଼ିଶା ଏକ ସ୍ୱତନ୍ତ୍ର ପ୍ରଦେଶରେ ପରିଣତ ହୋଇଥିଲା । ଏହି ସମୟରେ ପତ୍ରପତ୍ରିକା ଓ ସମ୍ବାଦପତ୍ରର ଭୂମିକା ଥିଲା ଗୁରୁତ୍ୱପୂର୍ଣ୍ଣ । ପୂର୍ବରୁ ୧୮୬୧ରେ ବାଲେଶ୍ୱରରୁ 'ବୋଧଦାୟିନୀ' ପତ୍ରିକା ପ୍ରକାଶିତ ହୋଇଥିଲା । 'ଉତ୍କଳ ଦୀପିକା' କଟକ ପ୍ରିଣ୍ଟିଂ କମ୍ପାନିରୁ ସାପ୍ତାହିକ ଭାବରେ ପ୍ରକାଶ ପାଇଥିଲା ।

୧୮୮୫ରେ ଭାରତୀୟ ଜାତୀୟ କଂଗ୍ରେସ ଗଠିତ ହୋଇଥିଲା ଓମେଶ ଚନ୍ଦ୍ର ବାନାର୍ଜୀଙ୍କ ଅଧ୍ୟକ୍ଷତାରେ । ସର୍ବଭାରତୀୟ ସ୍ତରରେ ଓଡ଼ିଆ ଭାଷାଭାଷୀ ଅଞ୍ଚଳର ଦୟନୀୟ ସ୍ଥିତି ଓ ସମସ୍ୟାବଳୀ ଉପସ୍ଥାପନ ଲାଗି କର୍ମବୀର ଗୌରୀ ଶଙ୍କର ରାୟ ଏବଂ ଉତ୍କଳଗୌରବ ମଧୁସୂଦନ ଦାସ ଜାତୀୟ କଂଗ୍ରେସର ଦ୍ୱିତୀୟ ଅଧିବେଶନରେ ଯୋଗଦାନ କରିଥିଲେ । ଏହାପରେ ଦେବଗଡ଼ରୁ ୧୮୮୯ରେ ସମ୍ବଲପୁର ହିତୈଷିଣୀ ପ୍ରକାଶ ପାଇଥିଲା ।

ଦି କଟକ ମିସନ ପ୍ରେସ୍ ପ୍ରତିଷ୍ଠିତ ହେବା ପରେ ଓଡ଼ିଶାରେ ମୁଦ୍ରଣାଳୟ ପ୍ରତିଷ୍ଠା ତଥା ମୁଦ୍ରିତ ପୁସ୍ତକ ଓ ଅନ୍ୟାନ୍ୟ ସାମଗ୍ରୀ ପ୍ରତି ଜନସାଧାରଣଙ୍କର ଆଦର ବଢ଼ିଥିଲା । ନଅଙ୍କ ଦୁର୍ଭିକ୍ଷ ସମୟରେ ଓଡ଼ିଶା ଡିଭିଜନର ତତ୍କାଳୀନ କମିଶନର ଟି.ଇ. ରେଭେନ୍‌ସା ତାଙ୍କର ସିରସ୍ତାଦାର ବିଚିତ୍ରାନନ୍ଦ ଦାସଙ୍କୁ ପ୍ରବର୍ତ୍ତାଇ କଟକ ପ୍ରିଣ୍ଟିଂ ପ୍ରେସ୍ ଦ୍ୱାରା ପ୍ରତିଷ୍ଠା କରାଇଥିଲେ ଓ ସରକାରଙ୍କୁ ଗଠନମୂଳକ ଭାବରେ ସମାଲୋଚନା କରିବା ନିମନ୍ତେ ଏକ ସମ୍ବାଦପତ୍ର ପ୍ରକାଶନ ଲାଗି ପରାମର୍ଶ ଦେଇଥିଲେ ।

୧୮୬୮ରେ ବ୍ୟାସକବି ଫକୀର ମୋହନ ସେନାପତି ବାଲେଶ୍ୱରରେ ଉତ୍କଳ ପ୍ରିଣ୍ଟିଂ ପ୍ରେସ୍ ପ୍ରତିଷ୍ଠା କରି 'ସମ୍ବାଦବାହିକା' ପ୍ରକାଶ କଲେ । ରାଜା ବୈକୁଣ୍ଠନାଥ ଦେ ମଧ୍ୟ ଏକ ମୁଦ୍ରଣାଳୟ ପ୍ରତିଷ୍ଠା କରି 'ଉତ୍କଳ ଦର୍ପଣ' ପ୍ରକାଶ କରିଥିଲେ । ଫକୀର ମୋହନ ସେନାପତି ଓ ବୈକୁଣ୍ଠନାଥ ଦେ ସମ୍ବାଦପତ୍ର ମାଧ୍ୟମରେ ଓଡ଼ିଆ ଭାଷାଭାଷୀ ଲୋକଙ୍କୁ ଆଲୋକର ପଥ ଦେଖାଇଥିଲେ ।

ଏହାପରେ ଓଡ଼ିଶାରେ ଅନେକ ମୁଦ୍ରଣାଳୟ ପ୍ରତିଷ୍ଠା ହୋଇଥିଲା । ମୟୂରଭଞ୍ଜ ପ୍ରେସ (୧୮୭୯), ବାମଣ୍ଡା ପ୍ରେସ (୧୮୮୫), ଜଗନ୍ନାଥ ବଲ୍ଲଭ ପ୍ରେସ (୧୮୮୭), ଅରବିନ୍ଦ (୧୮୯୩), ରାୟ ପ୍ରେସ୍ (୧୮୯୪), ବିନୋଦ ପ୍ରେସ (୧୮୯୭), ଉତ୍କଳ ଦର୍ପଣ ପ୍ରେସ (୧୯୦୨), ଫ୍ରେଜର ପ୍ରେସ (୧୯୦୨) ଓ ସାଧନା ପ୍ରେସ (୧୯୨୧) ପ୍ରଭୃତି ମୁଦ୍ରଣାଳୟ ପ୍ରତିଷ୍ଠିତ ହେବା ପରେ ବହୁ ପତ୍ରପତ୍ରିକା ପ୍ରକାଶ ପାଇ ଓଡ଼ିଶାର କଳା, ସାହିତ୍ୟ ଓ ସଂସ୍କୃତିକୁ ଋଦ୍ଧିମନ୍ତ କରିଥିଲା ।

କଟକ ଷ୍ଟାଣ୍ଡାର୍ଡ଼, ଆର୍ଗୁଜ, ଓଡ଼ିଶା ପ୍ୟାଟ୍ରିୟଟ (୧୮୬୮), ଉତ୍କଳ ହିତୈଷିଣୀ, ଉତ୍କଳ ଶୁଭଙ୍କରି (୧୮୬୯), ମୟୂରଭଞ୍ଜ ପାକ୍ଷିକ ପତ୍ରିକା (୧୮୭୯), ବିଦେଶୀ (୧୮୮୦), ଉତ୍କଳ ପ୍ରଭା (୧୮୯୧), ଇନ୍ଦ୍ରଧନୁ (୧୮୯୪), ଉତ୍କଳ ବନ୍ଧୁ (୧୯୯୬), ପ୍ରଭାତିତାରା (୧୮୯୭), ଉତ୍କଳ ସାହିତ୍ୟ (୧୮୯୭), ଓଡ଼ିଶା ଟାଇମ୍ସ (୧୮୯୮), ଗଞ୍ଜାମ ଓଡ଼ିଆ ହିତବାଦିନୀ(୧୮୯୯), ପ୍ରଜାବନ୍ଧୁ (୧୯୦୩), ଉତ୍କଳ ସେବକ, ମନୋରମା, ଷ୍ଟାର ଅଫ୍ ଉତ୍କଳ (୧୯୦୫), ସନାତନ ଧର୍ମ (୧୯୦୬), ଗଞ୍ଜାମ ନିଉଜ୍ (୧୯୦୭), ସମାଜ ମିତ୍ର, ସତ୍ୟ ସମାଚାର, ନବ ଭାରତ, ଦି ଓଡ଼ିଆ (୧୯୧୭), ଭୀଷ୍ମ ଶରଶଯ୍ୟା, ନବଯୁଗ ତଥା ସାଧନା ଓ ସେବା ପ୍ରଭୃତି ପ୍ରକାଶ ପାଇ ଓଡ଼ିଶାରେ ପ୍ରକାଶନ ପର୍ବର ବିକାଶ ଦିଗରେ ସହାୟକ ହୋଇଥିଲା ।

ଏହି କାଳରେ ମିସନାରୀମାନେ ମଧ ସମ୍ବାଦପତ୍ର ଓ ପତ୍ରପତ୍ରିକା ମାଧ୍ୟମରେ ଜନମତକୁ ବିଭ୍ରାନ୍ତ କରିବା ଲାଗି ଉଦ୍ୟମ କରିଥିଲେ । ଏହାର ପରିଣତି ସ୍ୱରୂପ ରେଭେରେଣ୍ଡ ସି. ଲାସେଙ୍କ ସମ୍ପାଦନାରେ ଜ୍ଞାନାରୁଣ (୧୮୪୮), ପ୍ରବୋଧ ଚନ୍ଦ୍ରିକା (୧୯୫୬) ଏବଂ ଅରୁଣୋଦୟ (୧୯୬୧) ମିସନାରୀମାନଙ୍କ ଦ୍ୱାରା ପ୍ରକାଶିତ ହୋଇଥିଲେ ମଧ ଜନସହଯୋଗ, ସମର୍ଥନ ଓ ଆଦର ଅଭାବରୁ ଏଗୁଡ଼ିକ ସ୍ୱତଃ ବନ୍ଦ ହୋଇଯାଇଥିଲା ।

୧୯୧୪ ମହାବିଷୁବ ସଂକ୍ରାନ୍ତିରେ ବ୍ରହ୍ମପୁରରୁ ଆତ୍ମପ୍ରକାଶ କରିଥିଲା ଦୈନିକ 'ଆଶା' । ଏହା ୧୯୨୮ରେ ଦୈନିକ ସମ୍ବାଦପତ୍ରରେ ପରିଣତ ହୋଇଥିଲା । 'ଉତ୍କଳ ଦୀପିକା' ପରେ 'ଦୈନିକ ଆଶା' ସୁପ୍ରତିଷ୍ଠିତ ହୋଇଥିଲା । ଏହାର ପ୍ରତିଷ୍ଠାତା ସମ୍ପାଦକ ଶଶିଭୂଷଣ ରଥଙ୍କ ପ୍ରଗାଢ଼ ଉଦ୍ୟମ ପ୍ରତି ଆକୃଷ୍ଟ ହୋଇ ଉତ୍କଳମଣି ଗୋପବନ୍ଧୁ ଦାସ ଓ ପଣ୍ଡିତ ନୀଳକଣ୍ଠ ଦାସ ସାପ୍ତାହିକ ଆଶାର ସମ୍ପାଦନା କାର୍ଯ୍ୟରେ ସମୟ ସମୟରେ ସହଯୋଗ କରୁଥିଲେ । ଦ୍ୱିତୀୟ ବିଶ୍ୱଯୁଦ୍ଧୋତ୍ତର କାଳରେ ଆଶାରେ ପ୍ରକାଶିତ ସମ୍ବାଦ ତଥା ଅଗ୍ରଲେଖ ସମୂହ ଗାନ୍ଧିଜୀଙ୍କ ଆଦର୍ଶର ପ୍ରସାର ଦିଗରେ ସହାୟକ ହୋଇଥିଲା ଓ ଜଣେ ସତ୍ୟାଗ୍ରହୀ ଭାବରେ ସୁପରିଚିତ ଶଶିଭୂଷଣ ରଥ ବ୍ରିଟିଶ ସରକାରଙ୍କ ଦ୍ୱାରା ବନ୍ଦୀ ହେଲେ । ଏହି କାଳରେ ସରକାରଙ୍କ ଦ୍ୱାରା 'ଦୈନିକ ଆଶା' ଉପରେ ବହୁ କଟକଣା ଲାଗୁ କରାଯାଇଥିଲା । ତେଣୁ ଏହାର ପ୍ରତିବାଦ ସ୍ୱରୂପ ସମ୍ପାଦକୀୟ ନିମନ୍ତେ ଉଦ୍ଦିଷ୍ଟ ସ୍ଥାନରେ ବଜାର ଦର ପ୍ରଭୃତି ପ୍ରକାଶ ପାଉଥିଲା । ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ 'ଦୈନିକ ଆଶା'ର ସହଯୋଗୀ ସମ୍ବାଦପତ୍ର ଭାବରେ କେ.ଏନ୍. ଆଚାରୀଙ୍କ ସମ୍ପାଦନାରେ ପ୍ରକାଶ ପାଉଥିଲା 'ନିଉ ଓଡ଼ିଶା' । ପରେ ଉଭୟ ସମ୍ବାଦପତ୍ରର ପ୍ରକାଶନସ୍ଥଳ, କଟକକୁ ସ୍ଥାନାନ୍ତରିତ ହୋଇଥିଲା । ଶଶିଭୂଷଣଙ୍କ ଏକମାତ୍ର କନ୍ୟାଙ୍କ ନାମାନୁସାରେ ତାଙ୍କ ଦ୍ୱାରା ପ୍ରତିଷ୍ଠିତ ସମ୍ବାଦପତ୍ରର ନାମ ରଖାଯାଇଥିଲା 'ଆଶା' । ଦୀର୍ଘକାଳ ପର୍ଯ୍ୟନ୍ତ ପ୍ରକାଶନ ବନ୍ଦ ରହିବା ପରେ 'ଦୈନିକ ଆଶା' ପୁନରାୟ ବ୍ରହ୍ମପୁରରୁ ଶଶିଭୂଷଣଙ୍କ ଅନ୍ୟତମ ଘନିଷ୍ଠ ସହଯୋଗୀ ଶ୍ରୀହର୍ଷ ମିଶ୍ରଙ୍କ ସମ୍ପାଦନାରେ ପ୍ରକାଶ ପାଇଲା ।

ଏହି ସମୟରେ ସମ୍ବାଦପତ୍ର ପ୍ରକାଶନ କ୍ଷେତ୍ରରେ ସମଗ୍ର ବିଶ୍ୱରେ ବ୍ୟାପକ ବିକାଶ ଘଟି ସାରିଥାଏ । ୧୮୬୮ ବେଳକୁ ଲଣ୍ଡନ ଟାଇମ୍ସ ସମ୍ବାଦପତ୍ରରେ ରୋଟାରୀ ମୁଦ୍ରାଯନ୍ତ୍ରରେ ମୁଦ୍ରିତ ହେଉଥିଲା ବୋଲି ଜଣାଯାଏ । ସମକାଳରେ ଗଭୀର ଦୁଃସ୍ଥିତି ମଧ୍ୟରେ ଓଡ଼ିଶାରେ ସମ୍ବାଦପତ୍ରର ଉଦ୍‌ଯୋଗ ପର୍ବର ଅୟମାରମ୍ଭ ଘଟିଥିଲା ।

ଉତ୍କଳମଣି ଗୋପବନ୍ଧୁ ଦାସ ୧୯୧୯ ଅକ୍ଟୋବର ମାସ ୪ ତାରିଖ ଦିନ ସତ୍ୟବାଦୀରୁ 'ସମାଜ' ସମ୍ବାଦପତ୍ରରେ ପ୍ରକାଶନ ଆରମ୍ଭ କରିଥିଲେ । ଚାରିପୃଷ୍ଠାର ଟାବଲଏଡ଼ ସାଇଜର ଏହି ସମ୍ବାଦପତ୍ରର ପ୍ରତିଖଣ୍ଡର ମୂଲ୍ୟ ଥିଲା ଦୁଇପଇସା ଓ ବାର୍ଷିକ ଦେୟ ଥିଲା ଏକ ଟଙ୍କା ଆଠ ଅଣା । (୪ ପଇସାକୁ ୧ ଅଣା ଓ ୧୬ ଅଣାକୁ ୧ ଟଙ୍କା) । ସମାଜର ପ୍ରକାଶନ ପରେ ଓଡ଼ିଆ ସମ୍ବାଦପତ୍ର ଓ ସାମ୍ବାଦିକତାର ଏକ ନୂତନ ପର୍ବ ଆରମ୍ଭ ହେଲା । ଉତ୍କଳମଣି ଗୋପବନ୍ଧୁ 'ସମାଜ' ସମ୍ବାଦପତ୍ର ପ୍ରକାଶ କରିବା ପୂର୍ବରୁ 'ସତ୍ୟବାଦୀ' ନାମକ ଏକ ସାହିତ୍ୟ ପତ୍ରିକା ପ୍ରକାଶ କରିଥିଲେ । ଏହା ଓଡ଼ିଆ ସାହିତ୍ୟର ବିକାଶରେ ସହାୟକ ହୋଇଥିଲା ।

୧୯୩୧ରେ 'ସମାଜ' ସାପ୍ତାହିକରୁ ଦୈନିକ ସମ୍ବାଦପତ୍ରରେ ପରିଣତ ହୋଇଥିଲା ଓ ପରେ ଡକ୍ଟର ରାଧାନାଥ ରଥଙ୍କ ସମ୍ପାଦନାରେ ଓଡ଼ିଶାର ସର୍ବବୃହତ୍ ତଥା ବହୁଳ ପ୍ରସାରିତ ସମ୍ବାଦପତ୍ର ଭାବରେ ସୁପ୍ରତିଷ୍ଠିତ ହେଲା । ଉତ୍କଳମଣିଙ୍କ ଉଇଲ୍

ବା ଇଚ୍ଛାପତ୍ର ଅନୁସାରେ ଲାଲା ଲଜ୍‌ପତ ରାୟଙ୍କ ଦ୍ୱାରା ପ୍ରତିଷ୍ଠିତ ଲୋକସେବକ ମଣ୍ଡଳ ଉପରେ 'ସମାଜ'ର ମାଲିକାନା ସ୍ୱତ୍ତ୍ୱ ନ୍ୟସ୍ତ ହୋଇଛି ।

'ସମାଜ' ପ୍ରକାଶନ ବେଳକୁ ସତ୍ୟବାଦୀ ଜାତୀୟ ବନବିଦ୍ୟାଳୟ ପ୍ରତିଷ୍ଠିତ ହୋଇ ସାରିଥିଲା । ଏହି କାଳରେ 'ସମାଜ' ସ୍ୱାଧୀନତା ଆନ୍ଦୋଳନର ମୁଖପତ୍ର ଭାବରେ କାର୍ଯ୍ୟ କରୁଥିଲା । କିଛି ଦିନ ପରେ ପ୍ରେସ୍‌ଟି ପୁରୀରକୁ ଉଠିଯାଇଥିଲା ଏବଂ 'ସମାଜ' ପୁରୀରୁ ପ୍ରକାଶିତ ହେଉଥିଲା । ୧୯୨୭ ଜୁଲାଇ ମାସ ୨ ତାରିଖରୁ 'ସମାଜ' କଟକରୁ ପ୍ରକାଶିତ ହେଲା ।

ଏହି ସମୟରେ ପେଶାଦାର ସାମ୍ବାଦିକ ନ ଥିଲେ କିମ୍ବା ସମ୍ବାଦପତ୍ର ଏକ ଶିଳ୍ପ ଭାବରେ ପରିଗଣିତ ହେଉ ନ ଥିଲା । ୧୯୫୬ରେ ପଣ୍ଡିତ ଗୋଦାବରୀଶ ମିଶ୍ର 'ସମାଜ' ସମ୍ପର୍କରେ ଲେଖିଥିଲେ, ''ଆଜିକାଲି ସମ୍ବାଦପତ୍ର ସବୁ କୌଣସି ଦଳର ମୁଖପତ୍ର । କିନ୍ତୁ 'ସମାଜ'ର ଜନ୍ମ ସମୟରେ ଦେଶର ଏ ଅବସ୍ଥା ନ ଥିଲା । ଗୋପବନ୍ଧୁ ରାଜନୀତିକ କିମ୍ବା ଅନ୍ୟ କୌଣସି ଦଳକୁ ଜାଣି ନଥିଲେ । ଜାଣିଥିଲେ କେବଳ ଦେଶ । ଦେଶର ଶିକ୍ଷାବିସ୍ତାର ପାଇଁ ସେ ସତ୍ୟବାଦୀରେ ଏକ ଜାତୀୟ ବିଦ୍ୟାଳୟ ସ୍ଥାପନ କଲେ । ବିଶାଳ ନିରକ୍ଷର ଜନତାକୁ ଶିକ୍ଷା ଦେବା ନିମନ୍ତେ ସେହିପରି ଏକ ସମ୍ବାଦପତ୍ରର ଆବଶ୍ୟକତା ଅନୁଭବ କରିବାକୁ ଲାଗିଲେ । ଅର୍ଥର ଅଭାବ ଯୋଗେ ସେ ସେଦିଗରେ ଅଗ୍ରସର ହୋଇ ପାରୁ ନଥିଲେ । ସେଥିପାଇଁ ସତ୍ୟବାଦୀରେ ରହି ମଧ୍ୟ ବ୍ରହ୍ମପୁରରେ ଆଶା କାଗଜର ସମ୍ପାଦନା ଗ୍ରହଣ କଲେ । କିନ୍ତୁ ସେଥିରେ ତାଙ୍କର ଉଦ୍ଦେଶ୍ୟ ସାଧିତ ହେଉ ନ ଥିବା ଦେଖି ସେ ଅତି ସାମାନ୍ୟ ମୂଳଧନରେ ସାପ୍ତାହିକ ସମାଜ ବାହାର କଲେ ।

ପରବର୍ତ୍ତୀ କାଳରେ ଉତ୍କଳ କେଶରୀ ଡକ୍ଟର ହରେକୃଷ୍ଣ ମହତାବଙ୍କ ଦ୍ୱାରା ପ୍ରତିଷ୍ଠିତ ସମ୍ବାଦପତ୍ର 'ପ୍ରଜାତନ୍ତ୍ର' ଓଡ଼ିଶାର ଜନଜୀବନକୁ ପ୍ରଭାବିତ କଲା । 'ପ୍ରଜାତନ୍ତ୍ର' ପ୍ରଥମେ କଟକରେ ମୁକୁର ପ୍ରେସ୍‌ରେ ମୁଦ୍ରିତ ହୋଇ ସାପ୍ତାହିକ ଭାବରେ ପ୍ରକାଶିତ ହେଲା । କନିକା ପ୍ରଜା ଆନ୍ଦୋଳନକୁ ଏହା ତେଜାଇ ରଖିଥିଲା । ଏହାର ପ୍ରକାଶକ ଓ ମୁଦ୍ରାକର ଥିଲେ ଜାତୀୟ କବି ବୀର କିଶୋର ଦାସ ।

ପରେ ଏହା ବାଲେଶ୍ୱର ଟାଉନ୍ ପ୍ରେସ୍‌ରେ ମୁଦ୍ରିତ ହୋଇ ପ୍ରକାଶ ପାଇଲା । ଏହି ସମୟରେ ଡକ୍ଟର ମହତାବ 'ଆଡ୍‌ଭେଞ୍ଚର' ନାମକ ଏକ ଇଂରାଜୀ ପତ୍ରିକା ମଧ୍ୟ ପ୍ରକାଶ କରିଥିଲେ । ଲବଣ ସତ୍ୟାଗ୍ରହ ସମୟରେ 'ପ୍ରଜାତନ୍ତ୍ର' ଯଥେଷ୍ଟ ଲୋକପ୍ରିୟତା ଅର୍ଜନ କରିଥିଲା । ବହୁ ବାଧାବିଘ୍ନ ପରେ ଏହା ବନ୍ଦ ହୋଇଯାଇଥିଲା । ଡକ୍ଟର ମହତାବ 'ସମାଜ' ସମ୍ବାଦପତ୍ରର ସମର୍ଥନ ନ ପାଇବାରୁ ପ୍ରାୟ ୧୫ ବର୍ଷ କାଳ ବନ୍ଦ ଥିବା 'ପ୍ରଜାତନ୍ତ୍ର' ପୁଣି ୧୯୪୭ ଅଗଷ୍ଟ ମାସ ୯ ତାରିଖରୁ କଟକର ଦାଶରଥି ପ୍ରେସ୍‌ରେ ମୁଦ୍ରିତ ହୋଇ ପ୍ରକାଶ ପାଇଲା । ୧୯୪୭ ନଭେମ୍ବର ୧୪ରେ ପ୍ରଜାତନ୍ତ୍ରର ନିଜସ୍ୱ ପ୍ରେସ୍ ପ୍ରତିଷ୍ଠିତ ହେଲା । ପ୍ରଜାତନ୍ତ୍ର ପ୍ରେସ୍ ପ୍ରତିଷ୍ଠା ଲାଗି ମୋତିଲାଲ ପଣ୍ଡିତ ଏକ ଜାଗା ଦାନ କରିଥିଲେ । ଏହା ବିହାରୀବାଗ୍ ନାମରେ ପରିଚିତ । ପରେ ଡକ୍ଟର ମହତାବ ଇଂରାଜୀ ଦୈନିକ ସମ୍ବାଦପତ୍ର 'ଦି ଇଷ୍ଟର୍ଣ୍ଣ ଟାଇମ୍‌ସ' ପ୍ରକାଶ କରିଥିଲେ । ଡକ୍ଟର ହରେକୃଷ୍ଣ ମହତାବଙ୍କ ଅଧ୍ୟକ୍ଷତାରେ ଗଠିତ ପ୍ରଜାତନ୍ତ୍ର ପ୍ରଚାର ସମିତି ପକ୍ଷରୁ ଝଙ୍କାର, ମୀନାବଜାର ପ୍ରଜାତନ୍ତ୍ର ସାପ୍ତାହିକୀ ଓ ପ୍ରତିଭାର ପ୍ରକାଶନ ବିଭିନ୍ନ ସମୟରେ ହେଲା । ଦୈନିକ 'ଦି ଇଷ୍ଟର୍ଣ୍ଣ ଟାଇମ୍‌ସ' ବନ୍ଦ ହେବା ପରେ ପୁଣି ସାପ୍ତାହିକ ଓ ପରେ ପୁନରାୟ ଦୈନିକ ଭାବରେ ପ୍ରକାଶିତ ହୋଇ ବନ୍ଦ ହୋଇଗଲା ।

୧୯୨୧-୨୨ରେ 'ସ୍ୱରାଜ' ସାପ୍ତାହିକୀ ପ୍ରକାଶ ପାଇଲା । ୧୯୩୨ରୁ ଏହା ଦୈନିକ ସମ୍ବାଦପତ୍ରରେ ପରିଣତ ହେଲା । ୧୯୪୧ରେ ପଣ୍ଡିତ ନୀଳକଣ୍ଠ ଦାସଙ୍କ ସମ୍ପାଦନାରେ ଦୈନିନ 'ନବଭାରତ' ପ୍ରକାଶ ପାଇଲା । ତାଙ୍କ ସମ୍ପାଦନାରେ ମାସିକ ସାହିତ୍ୟ ପତ୍ରିକା ନବଭାରତ ମଧ୍ୟ ପ୍ରକାଶିତ ହୋଇଥିଲା । ୧୯୪୫-୪୬ରେ କେ.ଏନ୍, ଆଚାରୀଙ୍କ ସମ୍ପାଦନାରେ 'ଓଡ଼ିଶା ଫାଷ୍ଟ' ଏବଂ ମଧୁ ମହାନ୍ତିଙ୍କ ସମ୍ପାଦନାରେ 'ଅବଜର୍‌ଭର' ପ୍ରକାଶ ପାଇଥିଲା ।

୧୯୪୭ରେ ସାପ୍ତାହିକ 'ଗଣତନ୍ତ୍ର' ପ୍ରକାଶ ପାଇଥିଲା ଓ ୧୯୫୬ରେ ଏହି ଦୈନିକ ସମ୍ବାଦପତ୍ରରେ ପରିଣତ ହୋଇ ୫ ବର୍ଷ ପରେ ବନ୍ଦ ହୋଇଯାଇଥିଲା । ବର୍ଷୀୟାନ୍ ଭାଷା ସାହିତ୍ୟକାର ସୁରେନ୍ଦ୍ର ମହାନ୍ତି ଏହାର ସମ୍ପାଦକ ଥିଲେ । ପୁନର୍ବାର ୧୯୬୬ରୁ ଏହି ସମ୍ବାଦପତ୍ର 'ସ୍ୱରାଜ୍ୟ' ନାମରେ ଆତ୍ମପ୍ରକାଶ କଲା । ପାଟଣା ମହାରାଜା ରାଜେନ୍ଦ୍ର ନାରାୟଣ ସିଂହଦେବ ଏହାର ମୁଖ୍ୟ ପୃଷ୍ଠପୋଷକ ଥିଲେ । ସେ ରାଜ୍ୟ ବିଧାନସଭାରେ ବିରୋଧୀ ଦଳ ନେତା ତଥା ରାଜ୍ୟ ମୁଖ୍ୟମନ୍ତ୍ରୀ ପଦରେ ଅଧିଷ୍ଠିତ ହୋଇଥିଲେ ।

୧୯୫୧ରେ ଦ୍ୱି-ସାପ୍ତାହିକୀ ଭାବରେ ବାଳକୃଷ୍ଣ କରଙ୍କ ସମ୍ପାଦନାରେ ପ୍ରକାଶ ପାଇଲା । ପରେ ଏହା ଏକ ଦୈନିକ ସମ୍ବାଦପତ୍ରରେ ପରିଣତ ହେଲା । ଏହି ସଂସ୍ଥା ପକ୍ଷରୁ ପରେ ମାସିକ ସାହିତ୍ୟ ପତ୍ରିକା 'ସହକାର' ମଧ୍ୟ ପ୍ରକାଶ ପାଇଲା ।

୧୯୬୦ରେ ବିଜୁ ପଟ୍ଟନାୟକଙ୍କ ଦ୍ୱାରା ମନମୋହନ ମିଶ୍ରଙ୍କ ସମ୍ପାଦନାରେ ଦୈନିକ କଳିଙ୍ଗ ପ୍ରକାଶ ପାଇଲା । ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକ ମଧ୍ୟ ରାଜନୀତି କ୍ଷେତ୍ରରେ ନିଜକୁ ସମ୍ପୂର୍ଣ୍ଣ ଭାବରେ ନିୟୋଜିତ କରି ରାଜ୍ୟ ମୁଖ୍ୟମନ୍ତ୍ରୀ, କେନ୍ଦ୍ରମନ୍ତ୍ରୀ ତଥା ରାଜ୍ୟ ବିଧାନସଭାରେ ବିରୋଧୀଦଳ ନେତା ପଦରେ ଅଧିଷ୍ଠିତ ହେଲେ । ୧୯୬୬ରେ ବୀରେନ ମିତ୍ରଙ୍କ ଦ୍ୱାରା ଦୈନିକ 'ଜନଶକ୍ତି' ପ୍ରକାଶ ପାଇଲା । ଲୋକନାଥ ମିଶ୍ର ଏହାର ସମ୍ପାଦକ ଥିଲେ । ବୀରେନ ମିତ୍ର ମଧ୍ୟ ଓଡ଼ିଶାର ମୁଖ୍ୟମନ୍ତ୍ରୀ ପଦରେ ଅଧିଷ୍ଠିତ ହୋଇଥିଲେ । ଏଥି ପୂର୍ବରୁ ୧୯୬୫ରେ ଆର୍.ପି. ଶାସ୍ତ୍ରୀଙ୍କ ସମ୍ପାଦନାରେ ଇଂରାଜୀ ଦୈନିକ ସମ୍ବାଦପତ୍ର 'ଓଡ଼ିଶା ଟାଇମ୍‌ସ' ପ୍ରକାଶ ପାଇଥିଲା ।

ସମ୍ବଲପୁରରୁ ପଶ୍ଚିମାଞ୍ଚଳର ପ୍ରଥମ ଦୈନିକ ସମ୍ବାଦପତ୍ର 'କୋଶଳ' ୧୯୭୦ ବିଜୟା ଦଶମୀଠାରୁ ତ୍ରିବିକ୍ରମ ତ୍ରିପାଠୀଙ୍କ ସମ୍ପାଦନାରେ ପ୍ରକାଶ ପାଇଲା । ଏଥିପୂର୍ବରୁ ତାଙ୍କ ସମ୍ପାଦନାରେ ୧୯୬୪ରେ ଇଂରାଜୀ ପାକ୍ଷିକ 'ସ୍କୁଇଜ୍' ପ୍ରକାଶ ପାଇଥିଲା ଓ ୧୯୬୬ରେ ସତ୍ୟବ୍ରତ ପ୍ରେସରୁ 'ପଞ୍ଚମୁଖୀ' ପ୍ରାୟ ତିନିବର୍ଷ ପର୍ଯ୍ୟନ୍ତ ପ୍ରକାଶିତ ହୋଇଥିଲା । ୧୯୮୧ରେ ଭୁବନେଶ୍ୱରରୁ ଦୈନିକ ଦିନଲିପିର ପ୍ରକାଶନ ଆରମ୍ଭ ହେଲା ଓ ଏହା ଏକ ନିରପେକ୍ଷ ସମ୍ବାଦପତ୍ର ଭାବରେ ପ୍ରତିଷ୍ଠିତ ହେଲା ।

୧୯୪୭ରେ ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥୀଙ୍କ ଦ୍ୱାରା ଦୈନିକ ସମ୍ବାଦପତ୍ର 'ଧରିତ୍ରୀ'ର ପ୍ରକାଶନ ଆରମ୍ଭ ହେଲା ।

'ଦି ଇଷ୍ଟର୍ଣ୍ଣ ଟାଇମ୍‌ସ'ର ପ୍ରକାଶନ ବନ୍ଦ ହୋଇଯିବା ପରେ ଓଡ଼ିଶାରୁ ଆଉ ଏକ ଇଂରାଜୀ ଦୈନିକ ସମ୍ବାଦପତ୍ର ପ୍ରକାଶନର ଆବଶ୍ୟକତା ରହିଥିଲା । ପୁସ୍ତକ ପ୍ରକାଶକ ନବକିଶୋର ମହାପାତ୍ର 'ନିଉଜ୍ ଅଫ୍ ଦି ୱାର୍ଲଡ଼' ପ୍ରକାଶ କଲେ । ଏଥିସହ ତାଙ୍କ ଦ୍ୱାରା ପ୍ରକାଶିତ ହେଲା 'ମନପବନ', ଛାତ୍ରସାଥୀ, ଆଲୋକ, ସରଳା, ଉତ୍କଳ ସାହିତ୍ୟ, ଚିତ୍ରକଥା, ଦି କ୍ରିମ ଓ ସତକଥା ପ୍ରଭୃତି ସାମୟିକ ପତ୍ରିକା । ପ୍ରକାଶନ କ୍ଷେତ୍ରରେ ସେ ଏକ ବହୁମୁଖୀ ପ୍ରତିଭା ରୂପେ ପ୍ରତିଭାତ ହେଲେ ।

୧୯୭୨ରେ କଟକରୁ ସାପ୍ତାହିକ ଭାବରେ ପ୍ରକାଶିତ ହୋଇଥିବା 'ପ୍ରଗତିବାଦୀ' ୧୯୭୯ରୁ ଦୈନିକ ସମ୍ବାଦପତ୍ର ଭାବରେ ଭୁବନେଶ୍ୱରରୁ ପ୍ରକାଶ ପାଇଲା ।

୧୯୮୧ ଏପ୍ରିଲ ମାସ ୧୫ ତାରିଖରୁ ପ୍ରଜାତନ୍ତ୍ର ପ୍ରଚାର ସମିତି ଆନୁକୂଲ୍ୟରେ ହୀରାଖଣ୍ଡ ଟ୍ରଷ୍ଟ ଦ୍ୱାରା ଦୈନିକ 'ହୀରାଖଣ୍ଡ' ସମ୍ବଲପୁରରୁ ପ୍ରକାଶ ପାଇଲା । ଡକ୍ଟର ଶ୍ରଦ୍ଧାକର ସୂପକାର ଥିଲେ ଏହାର ପ୍ରଥମ ସମ୍ପାଦକ ।

୧୯୮୪ ଅକ୍ଟୋବର ୪ ତାରିଖ ବିଜୟାଦଶମୀଠାରୁ ସୌମ୍ୟରଞ୍ଜନ ପଟ୍ଟନାୟକଙ୍କ ଦ୍ୱାରା ଦୈନିକ 'ସମ୍ବାଦ'ର ଆରମ୍ଭ ହେଲା । ସମ୍ବାଦପତ୍ର ପ୍ରକାଶନର ନୂତନ ପଦ୍ଧତି ଓ ଔଦ୍ୟୋଗିକ ଜ୍ଞାନକୌଶଳର ପ୍ରୟୋଗ ପୂର୍ବକ ଫଟୋଟାଇପ୍ ସେଟିଂରେ ଏହାର ମୁଦ୍ରଣ କାର୍ଯ୍ୟ ସମ୍ପନ୍ନ ହେଲା । ଏହା ଓଡ଼ିଶାର ସର୍ବପ୍ରଥମ ବ୍ୟବସାୟିକ ସମ୍ବାଦପତ୍ର । ପ୍ରଜାତନ୍ତ୍ର ପ୍ରଚାର ସମିତିର ଅଧ୍ୟକ୍ଷ ଡକ୍ଟର ହରେକୃଷ୍ଣ ମହତାବ ଏହାର ଶୁଭ ଉନ୍ମୋଚନ କରିଥିଲେ । ଇଷ୍ଟର୍ଣ୍ଣ ମିଡ଼ିଆ ଲିମିଟେଡ୍ ଦ୍ୱାରା 'ସମ୍ବାଦ' ପ୍ରକାଶନ ସାଙ୍ଗକୁ ଇଂରାଜୀ ଦୈନିକ 'ଦି ସନ୍ ଟାଇମ୍‌ସ' , 'କଥା', 'ଫୁଲଝରି', 'ସିନେ ସମ୍ବାଦ', 'ନବ ସମ୍ବାଦ' ଓ ଉର୍ଦ୍ଦୁ ଭାଷାରେ 'ସାହାର' ପ୍ରଭୃତି ପତ୍ରିକା ମଧ୍ୟ ପ୍ରକାଶ ପାଇଲା । ପ୍ରକାଶନ ଜଗତରେ ଏହା ଏକ ଅଗ୍ରଣୀ ଭୂମିକାରେ ଅବତୀର୍ଣ୍ଣ ହେଲା ।

ଭୁବନେଶ୍ୱରରୁ 'ଜନଭାଷା', କଳିଙ୍ଗ ମେଲ୍, ବାଲେଶ୍ୱରରୁ ରାଷ୍ଟ୍ରଦୂତ, ଆଜିକାଲି, ସମ୍ବଲପୁରରୁ ଅଗ୍ନିଶିଖା, ଡାକରା, ପ୍ରଥମେ ବଲାଙ୍ଗୀର ଓ ପରେ ରାଉରକେଲାରୁ ଯୁଗବାର୍ତ୍ତା, ରାଉରକେଲା ଓ କଟକରୁ କୁରୁକ୍ଷେତ୍ର, ମାତୃଭାଷା, ଚୌଦ୍ୱାରରୁ ଦହନ ଓ ଆଠଗଡ଼ରୁ ନ୍ୟାୟବତୀ ପ୍ରଭୃତି ସମ୍ବାଦପତ୍ର ବିଭିନ୍ନ ସମୟରେ ପ୍ରକାଶ ପାଇଲା । ରାଉରକେଲାରୁ ହିନ୍ଦୀ ଦୈନିକ 'ଯୁଗବୃତ୍ତାନ୍ତ' ଓ କେତେକ ହିନ୍ଦୀ ସାପ୍ତାହିକୀ ମଧ୍ୟ ଓଡ଼ିଶାର ବିଭିନ୍ନ ସ୍ଥାନରୁ ପ୍ରକାଶିତ ହେଲା ।

ବିଭିନ୍ନ ଦୈନିକ ସମ୍ବାଦପତ୍ରର ପ୍ରକାଶନ ସାଙ୍ଗକୁ ଭଞ୍ଜପ୍ରଦୀପ (୧୯୩୪), ମୟୂରଭଞ୍ଜ କ୍ରନିକଲ (୧୯୩୫), ଜାଗରଣ, ବାରିପଦା ମୟୂରଭଞ୍ଜ ଗ୍ୟାଜେଟ (୧୯୩୬), ଶଙ୍ଖ (୧୯୪୫), ପ୍ରଜାଶକ୍ତି, ଜୀବନ, ମେହେର ପ୍ରଦୀପ ସୁବ୍ରତୀ (୧୯୫୮) ପ୍ରଭୃତି ପତ୍ରପତ୍ରିକା ଓଡ଼ିଶାରେ ସମ୍ବାଦପତ୍ରର ବିକାଶଧାରାକୁ ଅବ୍ୟାହତ ରଖିଥିଲା ।

ପୌରୁଷ, ଆସନ୍ତାକାଲି, ନବରବ, ବର୍ତ୍ତମାନ, ଜନସଖା, ନିଆଁଖୁଣ୍ଟ, ଦୁର୍ମୁଖ, ନବଲିପି, ସୁନାପିଲା, ଟିକି ଦୁନିଆ, ଜନନୀ, ଗଣବାର୍ତ୍ତା, ଗଣ ଇସ୍ତାହାର, ମୁକ୍ତଦିଶା, ସ୍ୱତନ୍ତ୍ର, ସାପ୍ତାହିକ ଟିଭଜଡ଼େ, ସୌରଭ, ହରିବୋଲ, ଅବତାର, ନୂଆଁ ଦୁନିଆ, ପ୍ରଜାମିତ୍ର, ଦୁନିଆଁ, ସର୍ବହରା, ରୁଦ୍ରଆହ୍ୱାନ ଓ ଡିବ୍‌ଡ଼ିବ ପ୍ରଭୃତି ମାସିକ ଓ ସାମୟିକ ପତ୍ରପତ୍ରିକା ଭିନ୍ନ ଭିନ୍ନ ସମୟରେ କୃତିତ୍ୱର ସ୍ୱାକ୍ଷର ବହନ କରିଛି । ବେଳା, ଆଭା ଇତ୍ୟାଦି ପତ୍ରିକା ସାହିତ୍ୟ ଜଗତକୁ ଉଦ୍‌ବେଳିତ କରିଛି ।

ଏଠାରେ ଉଲ୍ଲେଖଯୋଗ୍ୟ ଯେ ୧୯୫୧ରେ ଓଡ଼ିଶାର ପ୍ରଥମ ଚଳଚ୍ଚିତ୍ର ପତ୍ରିକା 'ସିନେ ଓଡ଼ିଶା' ବ୍ରହ୍ମପୁରରେ ପ୍ରକାଶିତ

ହୋଇଥିଲା ଓ ଏହାପରେ ଓଡ଼ିଶାରେ ଚଳଚ୍ଚିତ୍ର ସାମ୍ବାଦିକତାର ବିକାଶ ଘଟିଲା । ପରବର୍ତ୍ତୀ କାଳରେ କଟକରୁ ସୁବାସ ଭାଟିଆଙ୍କ ଦ୍ୱାରା 'ଚଳଚ୍ଚିତ୍ର ଜଗତ' ଭଳି ଉଚ୍ଚକୋଟିର ଚଳଚ୍ଚିତ୍ର ପତ୍ରିକା ପ୍ରକାଶ ପାଇଥିଲା ।

ସାଂପ୍ରତିକ କାଳରେ ବହୁ ସଂଖ୍ୟକ ଦୈନିକ ସମ୍ବାଦପତ୍ର ତଥା ସାମୟିକ ପତ୍ରପତ୍ରିକା ରାଜ୍ୟର ବିଭିନ୍ନ ଅଞ୍ଚଳରୁ ପ୍ରକାଶ ପାଉଛି । ସେସବୁର ନାମୋଲ୍ଲେଖ ସମ୍ଭବ ନୁହେଁ । ତେବେ ସମ୍ବାଦପତ୍ର ପ୍ରକାଶନର ଧାରାକୁ ଜାଣିବା ନିମନ୍ତେ ଆବଶ୍ୟକୀୟ ତଥ୍ୟମାତ୍ର ଉପସ୍ଥାପନ କରାଯିବାର ପ୍ରାସଙ୍ଗିକତା ରହିଛି ।

ଇତିମଧ୍ୟରେ ବିଭିନ୍ନ ଓଡ଼ିଆ ଦୈନିକ ସମ୍ବାଦପତ୍ରର ଏକାଧିକ ସଂସ୍କରଣ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ରାଜ୍ୟ ବାହାରୁ ପ୍ରକାଶିତ ହେବା ସହ ଅନେକ ଇଂରାଜୀ ତଥା ହିନ୍ଦୀ ଦୈନିକର ଓଡ଼ିଶା ସଂସ୍କରଣ ମଧ୍ୟ ପ୍ରକାଶ ପାଇ ଓଡ଼ିଶାର ସମ୍ବାଦପତ୍ର ପ୍ରକାଶନ ଧାରାକୁ ବିକଶିତ କରିଛି ।

ଭୁବନେଶ୍ୱରରୁ 'ସୂର୍ଯ୍ୟପ୍ରଭା', ଓଡ଼ିଶା ଭାସ୍କର, ଖବର, ସର୍ବ ସାଧାରଣ, ପ୍ରତିଦିନ ପ୍ରଭୃତି ସମ୍ବାଦପତ୍ର ପ୍ରକାଶ ପାଇ ପାଠକମାନଙ୍କର ଧ୍ୟାନ ଆକର୍ଷଣ କରିଛି । ସୁମାରିଏଲ ମିଡ଼ିଆ ପ୍ରା. ଲିଃ ପକ୍ଷରୁ ଦୈନିକ 'ପ୍ରମେୟ' ପ୍ରକାଶିତ ହୋଇ ସ୍ୱଳ୍ପକାଳ ମଧ୍ୟରେ ଲୋକପ୍ରିୟତା ହାସଲ କରିଛି । ଏଥିସହ ପ୍ରକାଶିତ ହେଉଛି ପ୍ରମେୟ ପତ୍ରିକା । ଅଧୁନା ସମସ୍ତ ବଡ଼ ବଡ଼ ସମ୍ବାଦପତ୍ର ରବିବାର ଦିନ ବିଶେଷାଙ୍କ ଅଥବା ଏକ ସ୍ୱତନ୍ତ୍ର ପତ୍ରିକା ପ୍ରକାଶ କରୁଛନ୍ତି । ଏଗୁଡ଼ିକ ପାଠକୀୟ ଆଦୃତି ଲାଭ କରିଛି । ମାସିକ ପତ୍ରିକା ମଧ୍ୟରେ କାଦମ୍ବିନୀ ଓଡ଼ିଆ ପ୍ରା. ଲି. ପକ୍ଷରୁ ପ୍ରକାଶିତ କାଦମ୍ବିନୀ ଲୋକପ୍ରିୟତାର ଶୀର୍ଷରେ ରହିଛି । ଇଂରାଜୀ ଦୈନିକ 'ଓଡ଼ିଶା ପୋଷ୍ଟ' ପ୍ରକାଶିତ ହୋଇ ଓଡ଼ିଶାର ଇଂରାଜୀ ସମ୍ବାଦପତ୍ର ଭାବରେ ପାଠକୀୟ ଚାହିଦା ପୂରଣ ନିମନ୍ତେ ଅଗ୍ରସର ହେଉଛି ।

କେନ୍ଦ୍ର ସରକାରଙ୍କ ଦ୍ୱାରା 'ଯୋଜନା' ଏବଂ 'ସୈନିକ ସମାଚାର'ର ଓଡ଼ିଆ ସଂସ୍କରଣ ପ୍ରକାଶ ପାଉଛି । ଏଥି ସହ 'ସନଡେ ଇଣ୍ଡିଆନ' ମଧ୍ୟ ଓଡ଼ିଆ ଭାଷାରେ ପ୍ରକାଶ ପାଉଛି । ନିକଟରେ ଯୁକ୍ତରାଷ୍ଟ୍ର ଆମେରିକାରେ ମଧ୍ୟ ଓଡ଼ିଆ ସାହିତ୍ୟ ପତ୍ରିକାର ପ୍ରକାଶନ ଆରମ୍ଭ ହୋଇଛି ।

ଅନେକ ସମ୍ବାଦପତ୍ର ଆମ ରାଜ୍ୟରେ ବିଭିନ୍ନ ସମୟରେ ପ୍ରକାଶପାଇ ଅକାଳରେ ବନ୍ଦ ହୋଇଯାଇଥିଲେ ମଧ୍ୟ ସିଦ୍ଧିର ସ୍ୱାକ୍ଷର ପ୍ରଦାନ କରିଛନ୍ତି । ପୂର୍ବେ ଓଡ଼ିଶାରେ ମୁଦ୍ରଣଶିଳ୍ପର ଆବଶ୍ୟକୀୟ ବିକାଶ ଘଟି ନଥିବାରୁ ବହୁ ବାଧା ବିଘ୍ନ ମଧ୍ୟରେ ପତ୍ରପତ୍ରିକା ସମୂହ ପ୍ରକାଶ ପାଇଛି । ଏଭଳି ଅବସ୍ଥା ମଧ୍ୟରେ ଯେଉଁମାନେ ପ୍ରୟାସ ଜାରି ରଖିଥିଲେ, ସମସ୍ତେ ସ୍ମରଣୀୟ ।

ଓଡ଼ିଶାର ଅଧିକାଂଶ ସମ୍ବାଦପତ୍ର ରାଜନୀତିକ ବ୍ୟକ୍ତି ବିଶେଷ ଟ୍ରଷ୍ଟ ଅଥବା ସୋସାଇଟି ଦ୍ୱାରା ପ୍ରକାଶିତ । ପୁନଶ୍ଚ ଉକ୍ତ ଟ୍ରଷ୍ଟ ଅଥବା ସୋସାଇଟି ରାଜନୀତିକ ବ୍ୟକ୍ତି ବିଶେଷଙ୍କ ଦ୍ୱାରା ନିୟନ୍ତ୍ରିତ । ତେଣୁ ସଂପୃକ୍ତ ରାଜନୈତିକ ବ୍ୟକ୍ତି ବିଶେଷଙ୍କ ରାଜନୈତିକ ସ୍ୱାର୍ଥ ଓ କାର୍ଯ୍ୟକଳାପର ପ୍ରତିଫଳନ ଅଧିକାଂଶ ଓଡ଼ିଆ ସମ୍ବାଦପତ୍ରର ଧର୍ମରେ ପରିଣତ ହୋଇଛି ।

ଓଡ଼ିଶାରେ ସମ୍ବାଦପତ୍ର ସଂଖ୍ୟା କ୍ରମେ ବୃଦ୍ଧି ପାଇବାରେ ଲାଗିଛି । ୧୯୮୩ ଏପ୍ରିଲ ଶେଷସୁଦ୍ଧା ରାଜ୍ୟର ମୋଟ ୧୭ଟି ଦୈନିକ ସମ୍ବାଦପତ୍ର ପ୍ରକାଶିତ ହେଉଥିଲା । ପରବର୍ତ୍ତୀ ପାଞ୍ଚବର୍ଷ ମଧ୍ୟରେ ଆଉ ୧୧ଟି ନୂତନ ସମ୍ବାଦପତ୍ର ପ୍ରକାଶିତ ହେଲା । ବର୍ତ୍ତମାନ ରାଜ୍ୟ ସରକାରଙ୍କ ସୂଚନା ଓ ଲୋକସଂପର୍କ ବିଭାଗ ଦ୍ୱାରା ସ୍ୱୀକୃତିପ୍ରାପ୍ତ ୫୪ଟି ଦୈନିକ ସମ୍ବାଦପତ୍ର ସାଙ୍ଗକୁ ୬୯ଟି ସାପ୍ତାହିକ, ପାକ୍ଷିକ ତଥା ମାସିକ ପତ୍ରିକା ପ୍ରକାଶ ପାଉଛି । ଅନେକ ସମ୍ବାଦପତ୍ର ଓ ସାମୟିକ ପତ୍ରିକାକୁ ସରକାରୀ ସ୍ୱୀକୃତି ମିଳି ନାହିଁ । ତେବେ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଶତାଧିକ ଦୈନିକ ସମ୍ବାଦପତ୍ର ପ୍ରକାଶ ପାଉଥିବା ଜଣାଯାଉଛି ।

ଓଡ଼ିଶାରେ ପ୍ରକାଶିତ ହେଉଥିବା ସମ୍ବାଦପତ୍ର ତଥା ପତ୍ରପତ୍ରିକାରେ ପ୍ରସାରଣ ସଂଖ୍ୟା କ୍ରମେ ମନ୍ଥରଗତିରେ ବୃଦ୍ଧି ପାଉଛି । ୧୯୫୭ ସୁଦ୍ଧା ରାଜ୍ୟର ମୋଟ ୫୧ ହଜାର ୬୩୯ଟି ଗ୍ରାମ ପାଇଁ ଖଣ୍ଡିଏ ଲେଖାଏ ସମ୍ବାଦପତ୍ର ମଧ୍ୟ ପ୍ରକାଶିତ ହେଉ ନ ଥିଲା । ତେବେ ୧୯୮୩ ବେଳକୁ ପ୍ରତିଗ୍ରାମ ପାଇଁ ହାରାହାରି ତିନିଖଣ୍ଡ ଲେଖାଏଁ ସମ୍ବାଦପତ୍ର ପ୍ରକାଶିତ ହେଉଥିଲା ବୋଲି ଜଣାଯାଏ ।

୧୯୭୬ ଓ ୧୯୭୭ ବର୍ଷର ପ୍ରସାରଣ ସଂଖ୍ୟା ସମ୍ପର୍କରେ ୫୦ଟି ପତ୍ରପତ୍ରିକା ଓ ସମ୍ବାଦପତ୍ର ସଂକ୍ରାନ୍ତ ତଥ୍ୟ ମିଳିଥିଲା ଏବଂ ଉକ୍ତ ତଥ୍ୟରୁ ଜଣାଯାଇଥିଲା ଯେ, ବର୍ଷକ ମଧ୍ୟରେ ପ୍ରସାରଣ ସଂଖ୍ୟାରେ ଶତକଡ଼ା ୧୪ ଭାଗ ବୃଦ୍ଧି ଘଟିଥିଲା । ୧୯୭୭ରେ ସମଗ୍ର ଓଡ଼ିଶାରେ ୧୧ଟି ଦୈନିକ, ୨୫ଟି ସାପ୍ତାହିକ, ଗୋଟିଏ ଦ୍ୱି-ସାପ୍ତାହିକ ଏବଂ ୧୫୨ଟି ଅନ୍ୟାନ୍ୟ ସାମୟିକ ପତ୍ରିକା ପ୍ରକଶ ପାଉଥିଲା । ଏହି ସମୟ ସୁଦ୍ଧା ଓଡ଼ିଶାର କୌଣସି ସମ୍ବାଦପତ୍ରର ପ୍ରସାରଣ ସଂଖ୍ୟା ଏକ ଲକ୍ଷକୁ ପହଞ୍ଚି ପାରି ନ ଥିଲା । ଉକ୍ତ ବର୍ଷ ଶେଷସୁଦ୍ଧା ସମସ୍ତ ଓଡ଼ିଆ ଦୈନିକ ସମ୍ବାଦପତ୍ରର ମିଳିତ ପ୍ରସାରଣ

ସଂଖ୍ୟା ୧ ଲକ୍ଷ ୨୭ ହଜାର, ସାପ୍ତାହିକଗୁଡ଼ିକର ପ୍ରସାରଣ ସଂଖ୍ୟା ୧୭ ହଜାର ତଥା ଅନ୍ୟାନ୍ୟ ସାମୟିକ ପତ୍ରପତ୍ରିକାର ପ୍ରସାରଣ ସଂଖ୍ୟା ୧ ଲକ୍ଷ ୧୫ ହଜାର ଥିଲା । ମୋଟ ପ୍ରସାରଣ ସଂଖ୍ୟା ଥିଲା ୨ ଲକ୍ଷ ୫୯ ହଜାର ।

୧୯୮୨ରେ ୧୩ଟି ଦୈନିକ ସମ୍ବାଦପତ୍ର, ୪୩ଟି ସାପ୍ତାହିକ ଏବଂ ୨୭୫ଟି ଅନ୍ୟାନ୍ୟ ସାମୟିକ ପତ୍ରପତ୍ରିକା ପ୍ରକାଶ ପାଉଥିଲା । ଉକ୍ତ ବର୍ଷ ଶେଷସୁଦ୍ଧା ଦୈନିକ ସମ୍ବାଦପତ୍ରଗୁଡ଼ିକର ମିଳିତ ପ୍ରସାରଣ ସଂଖ୍ୟା ୨ ଲକ୍ଷ ୫ ହଜାର ଥିଲା । ସାପ୍ତାହିକଗୁଡ଼ିକର ପ୍ରସାରଣ ସଂଖ୍ୟା ୨୯ ହଜାର, ମାସିକ ପତ୍ରିକାଗୁଡ଼ିକର ପ୍ରସାରଣ ସଂଖ୍ୟା ୧ ଲକ୍ଷ ୮୮ ହଜାର, ପାକ୍ଷିକଗୁଡ଼ିକର ପ୍ରସାରଣ ସଂଖ୍ୟା ୨୧ ହଜାର ଏବଂ ତ୍ରୟମାସିକଗୁଡ଼ିକର ପ୍ରସାର ସଂଖ୍ୟା ୧୮ ହଜାର ଥିଲା । ମୋଟ ପ୍ରସାରଣ ସଂଖ୍ୟା ଥିଲା ୪ ଲକ୍ଷ ୬୧ ହଜାର ।

ପ୍ରତିଯୋଗିତାମୂଳକ ବଜାରରେ ଉଧେଇ ପାରିବା ଭଳି ଅବସ୍ଥା ଓଡ଼ିଆ ସମ୍ବାଦପତ୍ରର ଆସି ନଥିଲା । ଲୋକଙ୍କ ସମସ୍ୟାବଳୀ ସମ୍ବାଦପତ୍ରଗୁଡ଼ିକର ଯଥାଯଥ ଭାବରେ ପ୍ରତିଫଳିତ ହେଉ ନଥିବାରୁ ଲୋକଙ୍କ ମଧ୍ୟରେ ବିଶେଷତଃ ଗ୍ରାମାଞ୍ଚଳରେ ସମ୍ବାଦପତ୍ରଗୁଡ଼ିକ ପହଞ୍ଚି ପାରି ନ ଥିଲା । ଉଦାହରଣ ସ୍ୱରୂପ ରାଜ୍ୟର ଶତକଡ଼ା ୮୦ ଭାଗ ଲୋକ କୃଷି ଉପରେ ନିର୍ଭର କରୁଥିଲେ ମଧ୍ୟ ଅଧିକାଂଶ ସମ୍ବାଦପତ୍ରରେ କୃଷି ସମ୍ବାଦ ଉପରେ ଗୁରୁତ୍ୱାରୋପ କରାଯାଉ ନାହିଁ ଅଥବା ଏଥିଲାଗି ସ୍ୱତନ୍ତ୍ର ସ୍ତମ୍ଭ କିମ୍ବା ପୃଷ୍ଠା ପ୍ରକାଶ ପାଉ ନାହିଁ । ସଂପ୍ରତି ସମ୍ବାଦପତ୍ରଗୁଡ଼ିକ ଏ ଦିଗରେ ଉଦ୍ୟମ ଆରମ୍ଭ କରିଛନ୍ତି । କ୍ରମେ ସମ୍ବାଦପତ୍ରର ମୁଦ୍ରଣ ପରିପାଟିରେ ଉନ୍ନତି ପରିଲକ୍ଷିତ ହେଉଛି ।

ଏଭଳି ପରିସ୍ଥିତିରେ ଅଧିକାଂଶ ସମ୍ବାଦପତ୍ର ବିଜ୍ଞାପନ ଉପରେ ବିଶେଷତଃ ସରକାରୀ ବିଜ୍ଞାପନ ଉପରେ ନିର୍ଭରଶୀଳ । ବିଭିନ୍ନ ରାଷ୍ଟ୍ରାୟତ୍ତ ଉଦ୍ୟୋଗ ତଥା ବେସରକାରୀ ବାଣିଜ୍ୟିକ ସଂସ୍ଥାର ବିଜ୍ଞାପନ ମଧ୍ୟ କ୍ରମେ ବୃଦ୍ଧି ପାଉଛି । କେବଳ ବିକ୍ରୟଲବ୍ଧ ଧନରୁ ସମ୍ବାଦପତ୍ର ପରିଚାଳନା ଏକ କାଠିକର ପାଠରେ ପରିଣତ ହୋଇଛି । ଫଳରେ 'ଧଳାକେଶ କଳାକର', 'ବୃଦ୍ଧମାନେ ଯୁବକ ହୁଅ', 'ଅଙ୍ଗପ୍ରତ୍ୟଙ୍ଗ ବୃଦ୍ଧି କର', 'ରାତି ଆସିଲେ ଚିନ୍ତା ନାହିଁ', ପରି ବିଜ୍ଞାପନ ଅବାଧରେ ପ୍ରକାଶିତ ହେଉଛି । ତେଣୁ ବିଜ୍ଞାପନ ସମ୍ପର୍କରେ କଥିତ ଅଛି । "Advertising is 85% confusion and 15% commission".

ସମ୍ବାଦପତ୍ର ଓ ସାମ୍ବାଦିକତାର ବିକାଶ କ୍ଷେତ୍ରରେ ରାଜ୍ୟ ସରକାରଙ୍କ ସୂଚନା ଓ ଲୋକସଂପର୍କ ବିଭାଗର ମଧ୍ୟ ଗୁରୁଦାୟିତ୍ୱ ଓ ଅବଦାନ ରହିଛି । ସରକାର ଓ ଗଣମାଧ୍ୟମ ମଧ୍ୟରେ ସଂଯୋଗ ରକ୍ଷା, ସାମ୍ବାଦିକମାନଙ୍କୁ ଅଧିସ୍ୱୀକୃତି ପ୍ରଦାନ, ସମ୍ବାଦପତ୍ରଗୁଡ଼ିକୁ ସମ୍ବାଦ, ଫଟୋ ଓ ସରକାରୀ ବିଜ୍ଞାପନ, ପ୍ରାମାଣିକ ଚଳଚ୍ଚିତ୍ର ନିର୍ମାଣ ଓ ପ୍ରଦର୍ଶନ, ସଭାସମିତିର ଆୟୋଜନ ଓ ପ୍ରଚାର ପୁସ୍ତିକା ପ୍ରକାଶନ ଓ ବିତରଣ ଏହି ବିଭାଗର ପ୍ରମୁଖ କାର୍ଯ୍ୟ । ଏହି ବିଭାଗ କର୍ତ୍ତୃକ ରାଜ୍ୟ ସରକାରଙ୍କର ନିଜସ୍ୱ ପତ୍ରିକା ଓଡ଼ିଆ ଭାଷାରେ ଉତ୍କଳ ପ୍ରସଙ୍ଗ ଓ ଇଂରାଜୀ ଭାଷାରେ 'ଓଡ଼ିଶା ରିଭ୍ୟୁ' ପ୍ରକାଶିତ ହୋଇଥାଏ । ଏବେ ଇଣ୍ଟରନେଟ ମାଧ୍ୟମରେ ଦୈନନ୍ଦିନ ସମ୍ବାଦ ପରିବେଷଣ ମଧ୍ୟ କରାଯାଉଛି ।

ସମ୍ବାଦପତ୍ର କ୍ରମେ ଜନସାଧାରଣରେ ସ୍ଥାୟୀ ପ୍ରଭାବ ବିସ୍ତାର କରି ଚାଲିଛି । ଟେଲିଭିଜନର ବ୍ୟାପକ ପ୍ରସାର ଯୋଗୁଁ ସମ୍ବାଦପତ୍ରର ବିକାଶ ବାଧାପ୍ରାପ୍ତ ହେବ ବୋଲି ଯେଉଁ ଆଶଙ୍କା ପ୍ରକାଶ ପାଉଥିଲା, ତାହା ଅମୂଳକ ପ୍ରମାଣିତ ହୋଇଛି । ମୁଦ୍ରିତ ଗଣମାଧ୍ୟମରେ ଗତିରୋଧ ହୋଇନାହିଁ । ଅପର ପକ୍ଷରେ ଟେଲିଭିଜନର ଆଦୃତ କ୍ରମବର୍ଦ୍ଧମାନ ହୋଇଥିବାବେଳେ ବେତାର ପ୍ରସାରଣ ଶିଥିଳ ହୋଇପଡ଼ିଛି । ତେବେ ଏହା ମଧ୍ୟ ପ୍ରତ୍ୟାଖ୍ୟାତ ହୋଇନାହିଁ । ପ୍ରତ୍ୟେକ ଗଣମାଧ୍ୟମ ନିଜ ନିଜ କ୍ଷେତ୍ରରେ କାର୍ଯ୍ୟରତ ରହି ଦକ୍ଷତାର ପ୍ରତିପାଦନ ନିମନ୍ତେ ପ୍ରୟାସ ଚଳାଇଛନ୍ତି । ଏହି ଧାରା ଅବ୍ୟାହତ ରହିବାର ସ୍ପଷ୍ଟ ସୂଚନା ଉପଲବ୍ଧ ।

ବରିଷ୍ଠ ସାମ୍ବାଦିକ
ସମ୍ବଲପୁର-୭୬୮୦୦୩

❖ ❖ ❖